ଓଡ଼ିଶା ସରକାର




# ସୂଚନା ଓ ଲୋକ ସଂପର୍କ ବିଭାଗର
# କାର୍ଯ୍ୟାବଳୀ – ୨୦୧୧–୧୨

ସୂଚନା ଓ ଲୋକ ସଂପର୍କ ବିଭାଗ

# ସୂଚନା ଓ ଲୋକ ସଂପର୍କ ବିଭାଗର କାର୍ଯ୍ୟାବଳୀ – ୨୦୧୧–୧୨

ସୂଚନା ଓ ଲୋକ ସଂପର୍କ ବିଭାଗ ସରକାର ଓ ଜନସାଧାରଣଙ୍କ ମଧ୍ୟରେ ଯୋଗସୂତ୍ର ରକ୍ଷା କରିବାରେ ସହାୟକ ହୋଇଥାଏ । ଏହି ବିଭାଗ କେବଳ ଯେ ସରକାରଙ୍କ ନୀତିନିୟମ ଓ କାର୍ଯ୍ୟକ୍ରମ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥାଏ, ତା'ନୁହେଁ ପରନ୍ତୁ ସମସ୍ତ ଜନ କଲ୍ୟାଣାଭିମୁଖୀ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଓ ପରିକଳ୍ପନାଗୁଡ଼ିକର ସଫଳ କାର୍ଯ୍ୟକାରିତା ନିମନ୍ତେ ଜନସହଯୋଗ ପାଇବାରେ ସରକାରଙ୍କୁ ବିଶେଷ ସାହାଯ୍ୟ କରିଥାଏ । ଏହିସବୁ କାର୍ଯ୍ୟକ୍ରମକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ତଥା କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ପ୍ରତ୍ୟେକ ଜିଲ୍ଲା ଏବଂ କେତେକ ଉପଖଣ୍ଡ ସଦର ମହକୁମାରେ ବିଭାଗୀୟ କାର୍ଯ୍ୟାଳୟମାନ ରହିଛି ।

## ସାଙ୍ଗଠନିକ ବ୍ୟବସ୍ଥା

ଏହି ବିଭାଗଟି ପ୍ରଥମେ ସ୍ୱରାଷ୍ଟ୍ର ବିଭାଗର ଏକ ଅଂଶ ଭାବେ ପ୍ରତିଷ୍ଠା କରାଯାଇ ସ୍ୱରାଷ୍ଟ୍ର (ଲୋକ ସମ୍ପର୍କ) ବିଭାଗ ନାମରେ ନାମିତ କରାଯାଇଥିଲା । ପରବର୍ତ୍ତୀ ସମୟରେ ୧୯୭୮ ଜୁଲାଇ ୮ ତାରିଖରୁ ଏହା ସ୍ୱରାଷ୍ଟ୍ର ବିଭାଗରୁ ଅଲଗା ହୋଇ ସୂଚନା ଓ ଲୋକ ସଂପର୍କ ବିଭାଗ ନାମରେ ସ୍ୱତନ୍ତ୍ର ଭାବେ କାର୍ଯ୍ୟ କରିଆସୁଛି । ସମ୍ପ୍ରତି ଏହି ବିଭାଗର ପ୍ରଶାସନିକ ନିୟନ୍ତ୍ରଣରେ ୩୨ଗୋଟି ପ୍ରଚାର ଜିଲ୍ଲା (ଭୁବନେଶ୍ୱର ଓ ରାଉରକେଲା ସମେତ) କାର୍ଯ୍ୟ କରୁଅଛି । ପ୍ରତ୍ୟେକ ଜିଲ୍ଲା ଜଣେ ଲେଖାଏଁ ସୂଚନା ଓ ଲୋକ ସଂପର୍କ ଅଧିକାରୀଙ୍କ ଦ୍ୱାରା ପରିଚାଳିତ ହେଉଛି । ରାଜ୍ୟର ୩ ଗୋଟି ରାଜସ୍ୱ ଜୋନ୍‌ର ସଦର ମହକୁମା ଯଥା–କଟକ, ସମ୍ବଲପୁର ଓ ବ୍ରହ୍ମପୁରଠାରେ ୩ଜଣ ଉପନିର୍ଦ୍ଦେଶକଙ୍କୁ ଅବସ୍ଥାପିତ କରାଯାଇଛି । ଏହି ଉପନିର୍ଦ୍ଦେଶକମାନେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀମାନଙ୍କ କାର୍ଯ୍ୟାବଳୀକୁ ତଦାରଖ କରନ୍ତି ।

ବିଭାଗର ସମୁଦାୟ କର୍ମଚାରୀ ସଂଖ୍ୟା ୭୫୪ । ତନ୍ମଧ୍ୟରୁ ଗ୍ରୁପ୍ 'ଏ' ସ୍ତରର ଅଧିକାରୀ ସଂଖ୍ୟା ୧୮ ଏବଂ ଗ୍ରୁପ୍ 'ବି'ର ଅଧିକାରୀ ସଂଖ୍ୟା ୭୭ । ଗ୍ରୁପ୍ 'ସି'ର କର୍ମଚାରୀ ସଂଖ୍ୟା ୩୪୪ ଏବଂ ଗ୍ରୁପ୍ 'ଡ଼ି'ର କର୍ମଚାରୀ ସଂଖ୍ୟା ୩୧୫ ଅଟେ ।

ଏହି ବିଭାଗ ନିମନ୍ତେ ୨୦୧୨–୧୩ ଆର୍ଥିକ ବର୍ଷ ପାଇଁ ଯୋଜନା ଏବଂ ଅଣଯୋଜନା ବାବଦରେ ୪୨୭୩୨୬ ହଜାର ଟଙ୍କାର ବ୍ୟୟ ଅଟକଳ କରାଯାଇଛି ।

## ପ୍ରକାଶନ ଶାଖା

ଜନସଚେତନତା ସୃଷ୍ଟି କରିବା ପାଇଁ ବିଭାଗ ପକ୍ଷରୁ ଦୁଇଟି ମାସିକ ପତ୍ରିକା ଯଥା- 'ଉତ୍କଳ ପ୍ରସଙ୍ଗ' ଓଡ଼ିଆ ଭାଷାରେ ଏବଂ 'ଓଡ଼ିଶା ରିଭ୍ୟୁ' ଇଂରାଜୀ ଭାଷାରେ ପ୍ରକାଶିତ ହେଉଛି । ଏଥିରେ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଲେଖା ସମେତ ଓଡ଼ିଶାର କଳା, ସଂସ୍କୃତି, ବ୍ୟବସାୟ ଏବଂ ବାଣିଜ୍ୟ, ବିଜ୍ଞାନ ଓ କାରିଗରୀ ସମ୍ପର୍କିତ ଲେଖାମାନ ମଧ୍ୟ ପ୍ରକାଶିତ ହୋଇଥାଏ । ଏଥିସହିତ ରଥଯାତ୍ରା ଓ ଉତ୍କଳ ଦିବସ ପରିପ୍ରେକ୍ଷୀରେ ବିଶେଷ ସଂସ୍କରଣ ମଧ୍ୟ ପ୍ରକାଶ କରାଯାଇଥାଏ । ଏତଦ୍‌ବ୍ୟତୀତ ବିଶିଷ୍ଟ ବ୍ୟକ୍ତିମାନଙ୍କର ଜନ୍ମ ଓ ମୃତ୍ୟୁ ବାର୍ଷିକୀ ଉତ୍ସବ ତଥା ଅନ୍ୟାନ୍ୟ ଉତ୍ସବ ପାଳନ ଅବସରରେ ବିଭାଗ ପକ୍ଷରୁ କ୍ଷୁଦ୍ରପୁସ୍ତିକା, ଫୋଲଡ଼ର, ପ୍ରାଚୀରପତ୍ର ଆଦି ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ ଛପା ଯାଇଥାଏ । ଏଥି ସମେତ ଫିଚର ଆର୍ଟିକଲ୍‌ଗୁଡ଼ିକର ଅନୁବାଦ ଏବଂ ସଂକଳନ ମଧ୍ୟ ଏହି ବିଭାଗ ପକ୍ଷରୁ କରାଯାଇଥାଏ । ଏତଦ୍‌ବ୍ୟତୀତ, ପରିମଳ ଓ ନିରାପତ୍ତା ସମ୍ବନ୍ଧୀୟ ପ୍ରଚାରପତ୍ରମାନ ପ୍ରସ୍ତୁତ କରାଯାଇ ସଂପୃକ୍ତ ଅଞ୍ଚଳରେ ବଣ୍ଟାଯାଇଥାଏ । ଉକ୍ତ ଆର୍ଥିକ ବର୍ଷରେ ବିଭାଗ ପକ୍ଷରୁ ନିମ୍ନଲିଖିତ ପୁସ୍ତିକା ପ୍ରକାଶିତ ହୋଇଥିଲା ।

୧. ସ୍ୱତନ୍ତ୍ର ଉତ୍କଳ ଦିବସ (ଓଡ଼ିଆ ଫୋଲଡ୍‌ର)

୨. ନୂଆ ରାଜଧାନୀ ଭୁବନେଶ୍ୱର (ଓଡ଼ିଆ କ୍ଷୁଦ୍ର ପୁସ୍ତିକା)

୩. ଶହୀଦ ରଘୁ-ଦିବାକର (ଓଡ଼ିଆ ଫୋଲଡ୍‌ର)

୪. ଡଃ ବି.ଆର୍. ଆମ୍ବେଦକର (ଓଡ଼ିଆ ଫୋଲଡ୍‌ର)

୫. ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ (ଓଡ଼ିଆ ଫୋଲଡ୍‌ର)

୬. ସଦାଶିବ ତ୍ରିପାଠୀ (ଓଡ଼ିଆ ଫୋଲଡ୍‌ର)

୭. ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଓଡ଼ିଆ ଫୋଲଡ୍‌ର)

୮. ଉତ୍କଳଗୌରବ ମଧୁସୂଦନ ଦାସ (ଓଡ଼ିଆ ଫୋଲଡ୍‌ର)

୯. ବିପ୍ଳବୀ ଧରଣୀଧର ଭୂୟାଁ (ଓଡ଼ିଆ ଫୋଲଡ୍‌ର)

୧୦. ସୂଚନା ଓ ଲୋକ ସଂପର୍କ ବିଭାଗର କାର୍ଯ୍ୟାବଳୀ (ଓଡ଼ିଆ ଓ ଇଂରାଜୀ କ୍ଷୁଦ୍ର ପୁସ୍ତିକା)

୧୧. ଶ୍ରୀ ଜୟଦେବ, ଅଲୌକିକ ଜୟଦେବ – ଅଲୌକିକ ଗୀତଗୋବିନ୍ଦ (ଓଡ଼ିଆ କ୍ଷୁଦ୍ର ପୁସ୍ତିକା)

୧୨. ଶ୍ରୀଜଗନ୍ନାଥ ପୁରୀ – ରଥଯାତ୍ରା – ୨୦୧୧ – ସୂଚନା ପୁସ୍ତିକା (ଉଭୟ ଇଂରାଜୀ ଏବଂ ଓଡ଼ିଆ ଭାଷାରେ)

୧୩. ଓଡ଼ିଆ ଶ୍ରୀଜଗନ୍ନାଥ ଭଜନ ପୁସ୍ତିକା

୧୪. ରଥଯାତ୍ରା ପୁରୀ- କ'ଣ କରିବା ଉଚିତ କ'ଣ ନକରିବା ଉଚିତ (ଓଡ଼ିଆ ଏବଂ ଇଂରାଜୀ ପ୍ରଚାରପତ୍ର)

୧୫. ଶ୍ରୀ ଶ୍ରୀ ବଳଦେବ ଜୀଉ ରଥଯାତ୍ରା-୨୦୧୧-କେନ୍ଦ୍ରାପଡ଼ା (ଓଡ଼ିଆ କ୍ଷୁଦ୍ର ପୁସ୍ତିକା)

୧୬. ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ (ଓଡ଼ିଆ ଫୋଲଡ଼ର)

୧୭. ଶହୀଦ ବାଜି ରାଉତ (ଓଡ଼ିଆ ଫୋଲଡ଼ର)

୧୮. ଜୟପ୍ରକାଶ ନାରାୟଣ (ଓଡ଼ିଆ ଫୋଲଡ଼ର)

୧୯. ଜୟୀରାଜଗୁରୁ (ଓଡ଼ିଆ ଫୋଲଡ଼ର)

୨୦. ବିଶ୍ୱ ବାଣିଜ୍ୟ ମେଳା ୨୦୧୧, ନୂଆଦିଲ୍ଲୀ ଅବସରରେ - ଓଡ଼ିଶା ସମ୍ପର୍କୀତ ଇଂଗ୍ରାଜୀ ଫୋଲ୍ଡର

୨୧. ଉତ୍କଳକେଶରୀ ଡଃ ହରେକୃଷ୍ଣ ମହତାବ (ଓଡ଼ିଆ ଫୋଲଡ଼ର)

୨୨. ଶହୀଦ୍ ଲକ୍ଷ୍ମଣ ନାଏକ (ଓଡ଼ିଆ ଫୋଲଡ଼ର)

୨୩. ମହାନ୍ ଜନନାୟକ ନବକୃଷ୍ଣ ଚୌଧୁରୀ (ଓଡ଼ିଆ ଫୋଲଡ଼ର)

୨୪. ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ (ଓଡ଼ିଆ ଫୋଲ୍ଡର)

୨୫. ବିପ୍ଳବୀ ଚନ୍ଦନ ହଜୁରୀ (ଓଡ଼ିଆ ଫୋଲଡ଼ର)

୨୬. ବୀର ସୁରେନ୍ଦ୍ର ସାଏ (ଓଡ଼ିଆ ଫୋଲଡ଼ର)

୨୭. ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ଓଡ଼ିଆ ଫୋଲଡ଼ର)

୨୮. ବକ୍ସି ଜଗବନ୍ଧୁ (ଓଡ଼ିଆ ଫୋଲଡ଼ର)

୨୯. ଉତ୍କଳଗୌରବ ମଧୁସୂଦନ ଦାସ (ଓଡ଼ିଆ ଫୋଲଡ଼ର)

## ସମ୍ବାଦ ସୂଚନା ଶାଖା

ଏହି ବିଭାଗ ଅଧୀନରେ ରାଜ୍ୟ ସଦର ମହକୁମା କାର୍ଯ୍ୟାଳୟଠାରେ ଏକ ସମ୍ବାଦ ସୂଚନା ଶାଖା କାର୍ଯ୍ୟ କରୁଅଛି । ଏହି ଶାଖାରେ ରାଜ୍ୟ ସରକାରଙ୍କର ସମସ୍ତ ବିଭାଗଗୁଡ଼ିକୁ ୭ଜଣ ସୂଚନା ଅଧିକାରୀ ଏବଂ ୧୦ ଜଣ ଅନ୍ୟାନ୍ୟ ଅଧିକାରୀଙ୍କୁ ତାଙ୍କର ନିଜ ଦାୟିତ୍ୱ ସହିତ ବିଭିନ୍ନ ବିଭାଗଗୁଡ଼ିକରେ ସୂଚନା ଅଧିକାରୀଭାବେ କାର୍ଯ୍ୟ କରିବା ପାଇଁ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ କରାଯାଇଅଛି । ଅଧିକାରୀମାନେ ସଂପୃକ୍ତ ବିଭାଗରୁ ପ୍ରେସ୍ ବିଜ୍ଞପ୍ତି, ହ୍ୟାଣ୍ଡ ଆଉଟ୍, ବ୍ୟାକ୍ ଗ୍ରାଉଣ୍ଡ୍ ତଥ୍ୟାବଳୀ, ଫିଚର ଆର୍ଟିକଲ୍ ସହିତ ଅନ୍ୟାନ୍ୟ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ସମ୍ପର୍କିତ ସମ୍ବାଦ ସଂଗ୍ରହ କରି ବିଭିନ୍ନ ସମ୍ବାଦପତ୍ର ସଂସ୍ଥା, ଆକାଶବାଣୀ / ଦୂରଦର୍ଶନ ଏବଂ ଇଲେକ୍‌ଟ୍ରୋନିକ୍ ଗଣମାଧ୍ୟମକୁ ପ୍ରକାଶନ ଏବଂ ପ୍ରସାରଣ ପାଇଁ

ଦେଇଥାନ୍ତି । ଏହି ଅଧିକାରୀମାନେ ଜଣେ ଉପ-ନିର୍ଦ୍ଦେଶକ ତଥା ଉପଶାସନ ସଚିବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟ କରିଥାନ୍ତି । ଏହାବ୍ୟତୀତ ଏହି ବିଭାଗରୁ ମହାମାନ୍ୟ ରାଜ୍ୟପାଳ ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଲୋକ ସଂପର୍କ ଅଧିକାରୀଙ୍କୁ ଅବସ୍ଥାପିତ କରାଯାଇଛି ।

୨୦୧୧-୧୨ ଆର୍ଥିକ ବର୍ଷରେ ଏହି ବିଭାଗ ପକ୍ଷରୁ ୪୯୩ଟି ପ୍ରେସ୍ ହ୍ୟାଣ୍ଡ ଆଉଟ୍ ଏବଂ ୨୮ଟି ପ୍ରେସ୍ ବିଜ୍ଞପ୍ତି ପ୍ରକାଶିତ ହୋଇଛି । ଏହାବ୍ୟତୀତ ସୂଚନା ଅଧିକାରୀମାନେ ପ୍ରତିଦିନ ମନ୍ତ୍ରୀ, ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବ ଏବଂ ଶାସନ ସଚିବଙ୍କ ନିକଟରେ ପ୍ରେସ୍ କ୍ଲିପିଙ୍ଗ ଦାଖଲ କରିଥାନ୍ତି । ଏହି ବର୍ଷରେ ସମୁଦାୟ ୧୭୦୦୭ ଗୋଟି ପ୍ରେସ୍ କ୍ଲିପିଙ୍ଗ ଦାଖଲ କରାଯାଇଛି । ୨୦୧୧-୧୨ ଆର୍ଥିକ ବର୍ଷରେ ୯ ଜଣଙ୍କୁ ରାଜ୍ୟସ୍ତରୀୟ ସାମ୍ବାଦିକ ଏବଂ ଜଣଙ୍କୁ ମୁକ୍ତବୃତ୍ତ ସାମ୍ବାଦିକ ଭାବେ ସ୍ୱୀକୃତି ପ୍ରଦାନ କରାଯାଇଛି ।

ସ୍ୱୀକୃତିପ୍ରାପ୍ତ ସାମ୍ବାଦିକମାନଙ୍କୁ ରିହାତି ମୂଲ୍ୟରେ ରେଳରେ ଯାତ୍ରା କରିବା ସହିତ ଅନ୍ୟାନ୍ୟ ସୁବିଧାସୁଯୋଗ ଯୋଗାଇ ଦିଆଯାଉଛି । ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଘଟଣା, ସଭାସମିତି ଓ ଉତ୍ସବ ଯଥା-ରଥଯାତ୍ରା, କୋଣାର୍କ ଉତ୍ସବ, ବେଳାଭୂମି ମହୋତ୍ସବ ଏବଂ ପ୍ରାକୃତିକ ବିପର୍ଯ୍ୟୟ ସଂଘଟିତ ସ୍ଥାନମାନଙ୍କୁ ସାମ୍ବାଦିକମାନଙ୍କ ପରିଦର୍ଶନ ନିମନ୍ତେ ଏହି ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯାଇଥାଏ ।

ପ୍ରାକୃତିକ ଦୁର୍ବିପାକ ସମୟରେ ସୂଚନା ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କୁ ସୂଚନା ଦେବା ନିମନ୍ତେ ଏହି ବିଭାଗ ପକ୍ଷରୁ ଦିବାରାତ୍ର ନିୟନ୍ତ୍ରଣ କକ୍ଷ ଖୋଲାଯାଇଥାଏ । କାର୍ଯ୍ୟରତ ସାମ୍ବାଦିକମାନଙ୍କ ନିମନ୍ତେ, ସାମ୍ବାଦିକ କଲ୍ୟାଣ ପାଣ୍ଠି ଅଧିନିୟମକୁ କାର୍ଯ୍ୟକାରୀ କରାଯାଇ ଦୁସ୍ଥ ସାମ୍ବାଦିକମାନଙ୍କୁ ଆର୍ଥିକ ସହାୟତା ଯୋଗାଇଦିଆଯାଉଛି ।

ଉକ୍ତ ସମ୍ବାଦ ସୂଚନା ଶାଖାର କାର୍ଯ୍ୟ ତୁଲାଇବା ପାଇଁ ୨୦୧୨-୧୩ ଆର୍ଥିକ ବର୍ଷ ନିମନ୍ତେ ୨୦୧ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଛି ।

## ଇଲେକ୍‌ଟ୍ରୋନିକ୍‌ସ୍ ଡ଼ିସ୍‌ପ୍ଲେ ବୋର୍ଡ଼

ସୂଚନା ପ୍ରଦାନର ଆଭିମୁଖ୍ୟ ନେଇ ଏହି ବିଭାଗ ଏକ ନୂତନ ପଦକ୍ଷେପ ଗ୍ରହଣ କରି ୨୦୦୫ ଏପ୍ରିଲ୍ ପହିଲାଠାରୁ ଇଲେକ୍‌ଟ୍ରୋନିକ୍‌ସ୍ ଡ଼ିସ୍‌ପ୍ଲେ ବୋର୍ଡ଼ ମାଧ୍ୟମରେ ସମ୍ବାଦ ପରିବେଷଣ କରୁଅଛି । ଏହି ଡ଼ିସ୍‌ପ୍ଲେ ବୋର୍ଡ଼ ମାଧ୍ୟମରେ ସରକାରୀ ଯୋଜନା, ନୀତି, କାର୍ଯ୍ୟକ୍ରମ, ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀ ଏବଂ ଜନସଚେତନ ସମ୍ବଳିତ ବିଭିନ୍ନ ସୂଚନାକୁ ତତ୍କାଳ ପରିବେଷଣ କରାଯାଉଛି । ବର୍ତ୍ତମାନ ଭୁବନେଶ୍ୱରର କ୍ୟାପିଟାଲ ଥାନା ପରିସର, ରାଜ୍ୟ ସୂଚନା କେନ୍ଦ୍ର (ଜୟଦେବ ଭବନ) ଏବଂ ଓଡ଼ିଶା ଖଣି ନିଗମ ପରିସରଠାରେ ତିନୋଟି ଇଲେକ୍‌ଟ୍ରୋନିକ୍‌ସ୍ ଡ଼ିସ୍‌ପ୍ଲେ ବୋର୍ଡ଼ କାର୍ଯ୍ୟ କରୁଅଛି । ନୂଆଦିଲ୍ଲୀସ୍ଥିତ ଓଡ଼ିଶା ଭବନଠାରେ ଦିଲ୍ଲୀ ବାସିନ୍ଦାଙ୍କ ପାଇଁ ଆଉ ଗୋଟିଏ ଇଲେକ୍‌ଟ୍ରୋନିକ୍‌ସ୍ ଡ଼ିସ୍‌ପ୍ଲେ ବୋର୍ଡ଼ ସ୍ଥାପନ କରାଯାଇଛି । ଏହି ଶାଖା ପାଇଁ ୨୦୧୧-୧୨ ଆର୍ଥିକ ବର୍ଷ ନିମନ୍ତେ ଯୋଜନା ବାବଦରେ ୩୦୦୦ ହଜାର ଟଙ୍କାର ବ୍ୟୟ ଅଟକଳ କରାଯାଇଛି ।

## ଦୂରଦର୍ଶନ ସମ୍ବାଦ ପ୍ରସାରଣ ଶାଖା

ବିଭାଗୀୟ ଦୂରଦର୍ଶନ ସମ୍ବାଦ ପ୍ରସ୍ତୁତି ଶାଖା, ବିଶିଷ୍ଟ ତଥା ଅତିବିଶିଷ୍ଟ ବ୍ୟକ୍ତିବିଶେଷଙ୍କର ଦୈନନ୍ଦିନ ସରକାରୀ କାର୍ଯ୍ୟକ୍ରମଗୁଡ଼ିକର ଭିଡ଼ିଓ ଚିତ୍ର ଉତ୍ତୋଳନ କରି ନିୟୁକ୍ତ ଆଇଟମ୍ (ସମ୍ବାଦ) ପ୍ରସ୍ତୁତ କରିଥାଏ । ଗୁରୁତ୍ୱପୂର୍ଣ୍ଣ ଘଟଣାଗୁଡ଼ିକର ଚିତ୍ର ଉତ୍ତୋଳନ କରି ସମ୍ବାଦ କ୍ୟାପସୁଲ୍ ପ୍ରସ୍ତୁତ କରିବା ସହିତ ଏହି ଶାଖା ସରକାରଙ୍କର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ସଫଳତା ଉପରେ ପ୍ରାମାଣିକ ଚଳଚ୍ଚିତ୍ର ପ୍ରସ୍ତୁତ କରିଥାଏ । ଏଗୁଡ଼ିକ ଦୂରଦର୍ଶନ ସମେତ ବିଭିନ୍ନ ଇଲେକ୍ଟ୍ରୋନିକ୍ସ୍ ଗଣମାଧ୍ୟମ ଜରିଆରେ ପ୍ରସାରିତ କରାଯାଇଥାଏ । ୨୦୧୧-୧୨ ଆର୍ଥିକ ବର୍ଷରେ ଏହି ଶାଖା ପକ୍ଷରୁ ୧୧୦୧ଟି କାର୍ଯ୍ୟକ୍ରମର ଭିଡ଼ିଓ ଚିତ୍ର ଉତ୍ତୋଳନ କରାଯାଇଥିଲା । ତନ୍ମଧ୍ୟରୁ ଭୁବନେଶ୍ୱର ଦୂରଦର୍ଶନର ଆଞ୍ଚଳିକ ସମ୍ବାଦ ବୁଲେଟିନ୍ ମାଧ୍ୟମରେ ୯୨୧ଟି ତଥା ଜାତୀୟ କାର୍ଯ୍ୟକ୍ରମ ଷ୍ଟେଟସ୍ ସ୍କାନ ମାଧ୍ୟମରେ ମଧ୍ୟ ୯୦୦ଟି କାର୍ଯ୍ୟକ୍ରମ ପ୍ରସାରଣ କରାଯାଇଛି । ଏହି ଶାଖା ପାଇଁ ୨୦୧୨-୧୩ ଆର୍ଥିକ ବର୍ଷ ନିମନ୍ତେ ୬୩୫୪ ହଜାର ଟଙ୍କାର ବ୍ୟୟ ଅଟକଳ କରାଯାଇଛି ।

## ଦୂରଦର୍ଶନ ମାଧ୍ୟମରେ ବିକାଶମୂଳକ କାର୍ଯ୍ୟକ୍ରମର ପ୍ରଚାର (ଆମ କଥା - ଓଡ଼ିଶା କଥା ଏବଂ ବିକାଶର ନବଦିଗନ୍ତ)

ରାଜ୍ୟ ସରକାରଙ୍କର ବିଭିନ୍ନ ଲୋକାଭିମୁଖୀ ଉନ୍ନୟନମୂଳକ କାର୍ଯ୍ୟକ୍ରମଗୁଡ଼ିକର ସଫଳତା ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରସାରଣ କରାଯାଇଥାଏ ।

ପ୍ରଥମଥର ପାଇଁ ପ୍ରଚାର ଏବଂ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ସୂଚନା ଓ ଲୋକ ସଂପର୍କ ବିଭାଗ, ସରକାରଙ୍କର ବିଭିନ୍ନ ସଫଳ କାହାଣୀ ଉପରେ ଆଧାରିତ 'ଆମ କଥା ଓଡ଼ିଶା କଥା' ନାମକ ଏକ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛି । ସରକାରଙ୍କର ବିଭିନ୍ନ ବିଭାଗଗୁଡ଼ିକର ଯୋଜନା ଓ କାର୍ଯ୍ୟକ୍ରମସବୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଚାରିତ ହୋଇଥାଏ । ଅଦ୍ୟାବଧି ଏହି କାର୍ଯ୍ୟକ୍ରମରେ ୧୭୫ଟିରୁ ଊର୍ଦ୍ଧ୍ୱ ଅଧ୍ୟାୟ ପ୍ରସାରଣ କରାଗଲାଣି ଏବଂ ଏହାର ଦର୍ଶକ ସଂଖ୍ୟା ଓଡ଼ିଶାର ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳକୁ ମିଶାଇ ୩୫ ଲକ୍ଷରୁ ଊର୍ଦ୍ଧ୍ୱ ବୋଲି ଏକ ସର୍ବେକ୍ଷଣରୁ ଜଣାପଡ଼ିଛି । ଏହା ଦୂରଦର୍ଶନର ସବୁଠାରୁ ଲୋକପ୍ରିୟ କାର୍ଯ୍ୟକ୍ରମ ଭାବେ ବିବେଚିତ ହେଉଛି । ଏହି କାର୍ଯ୍ୟକ୍ରମ ସମଗ୍ର ଓଡ଼ିଶା, ବିଶେଷକରି ଗ୍ରାମାଞ୍ଚଳ ଲୋକମାନଙ୍କ ମଧ୍ୟରେ ବେଶ୍ ଆଦୃତ ହୋଇପାରିଛି । ସରକାରଙ୍କର ଉନ୍ନୟନମୂଳକ କାର୍ଯ୍ୟକ୍ରମର ବ୍ୟାପକ ପ୍ରଚାର ଓ ପ୍ରସାର କରି ଜନସାଧାରଣଙ୍କୁ ଏହି ବିକାଶଧାରାରେ ସାମିଲ କରିବା ଉଦ୍ଦେଶ୍ୟରେ ଆଉ ଏକ ସାପ୍ତାହିକ ବିକାଶଧର୍ମୀ ପ୍ରଚାର କାର୍ଯ୍ୟକ୍ରମ ''ବିକାଶର ନବଦିଗନ୍ତ'' ୨୦୧୨ ମସିହା ମଇ ମାସରୁ ଦୂରଦର୍ଶନ ମାଧ୍ୟମରେ ପ୍ରସାରିତ ହେଉଛି । ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଗସ୍ତ ଏବଂ ଲବଣ ସତ୍ୟାଗ୍ରହ ଉପରେ ଆଧାରିତ ଏକ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଥମଥର ପାଇଁ ପ୍ରସ୍ତୁତ କରାଯାଉଛି । ଏତଦ୍‌ବ୍ୟତୀତ ବିଭାଗ ପକ୍ଷରୁ ଅନ୍ୟାନ୍ୟ ସରକାରୀ ବିଭାଗ ଯଥା-

ନିର୍ବାଚନ ଆୟୋଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଇତ୍ୟାଦି ବିଭାଗ ପାଇଁ ପ୍ରାମାଣିକ ଚଳଚ୍ଚିତ୍ର ପ୍ରସ୍ତୁତି କରାଯାଇଥିଲା । ଚଳିତ ଆର୍ଥିକ ବର୍ଷରେ ‘‘ଗାନ୍ଧିଜୀଙ୍କ ଓଡ଼ିଶା ପରିଦର୍ଶନ’’ ନାମରେ ୩୦୦ ହଜାର ଟଙ୍କା ବ୍ୟୟ ଅଟକଳରେ ଏକ ନୂତନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ୨୦୧୨-୧୩ ଆର୍ଥିକ ବର୍ଷରେ ଏହି କାର୍ଯ୍ୟକ୍ରମ ପାଇଁ ୧୫୦୦ ହଜାର ଟଙ୍କାର ବ୍ୟୟ ଅଟକଳ କରାଯାଇଛି ।

## ଫଟୋ ସେବା

ଏହି ବିଭାଗର ଫଟୋ ଶାଖାଟି ପ୍ରଚାର କାର୍ଯ୍ୟକ୍ରମକୁ ଆବଶ୍ୟକୀୟ ସହଯୋଗ ପ୍ରଦାନ କରିଥାଏ । ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀର ତଥ୍ୟ ସଂରକ୍ଷଣ ଏହା ମାଧ୍ୟମରେ ହୋଇଥାଏ । ଏହି ଶାଖା ମାଧ୍ୟମରେ ବିଭିନ୍ନ ବିଶିଷ୍ଟ ତଥା ଅତିବିଶିଷ୍ଟ ବ୍ୟକ୍ତିବିଶେଷଙ୍କର ଦୈନନ୍ଦିନ ସରକାରୀ କାର୍ଯ୍ୟକ୍ରମ, ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟକ୍ରମଗୁଡ଼ିକର ଫଟୋଚିତ୍ର ଉତ୍ତୋଳନ କରାଯାଇ ବିଭିନ୍ନ ଗଣମାଧ୍ୟମ ସଂସ୍ଥାକୁ ଯୋଗାଇ ଦିଆଯାଇଥାଏ । ଏତଦ୍‌ବ୍ୟତୀତ ବିଭାଗ ପକ୍ଷରୁ ପ୍ରକାଶିତ ପୁସ୍ତିକା, ଫୋଲଡ଼୍ର, ପ୍ରଚାରପତ୍ର ଏବଂ ପ୍ରଦର୍ଶନୀ ପାଇଁ ମଧ୍ୟ ଫଟୋ ଯୋଗାଇ ଦିଆଯାଇଥାଏ ।

ଏହି ଶାଖାକୁ ଆଧୁନିକୀକରଣ କରାଯାଇ ଇଣ୍ଟରନେଟ୍ ସୁବିଧା ସହ ଡ଼ିଜିଟାଲ ବ୍ୟବସ୍ଥା କରାଯାଇଛି । ସମ୍ପ୍ରତି ବିଭିନ୍ନ ଗଣମାଧ୍ୟମ ସଂସ୍ଥାକୁ ଇଣ୍ଟରନେଟ୍ ମାଧ୍ୟମରେ ଫଟୋଚିତ୍ର ପ୍ରେରଣ କରାଯାଉଛି । ଏହାବ୍ୟତୀତ ଏକ ସ୍ୱତନ୍ତ୍ର ବହୁମୁଖୀ ଷ୍ଟୁଡ଼ିଓ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ସମୟ ମଧ୍ୟରେ ମାନୁଆଲ୍ ଏବଂ ଡ଼ିଜିଟାଲ୍ ପଦ୍ଧତିରେ ୪୨୦୦ଟି କାର୍ଯ୍ୟକ୍ରମର ଫଟୋଚିତ୍ର ଉତ୍ତୋଳନ କରାଯାଇ ସେଥିରୁ ୨୭୦୮୫ଟି ଫଟୋ ପ୍ରସ୍ତୁତ କରି ଉପରୋକ୍ତ କାର୍ଯ୍ୟ ନିମନ୍ତେ ଯୋଗାଇ ଦିଆଯାଇଛି । ଏତଦ୍‌ବ୍ୟତୀତ ୪୦୭୦ଗୋଟି ଫଟୋ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶନ ନିମନ୍ତେ ପଠାଯାଇଛି ।

ଏହି ଶାଖା ପାଇଁ ୨୦୧୨-୧୩ ଆର୍ଥିକ ବର୍ଷ ନିମନ୍ତେ ୫୦୦ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଛି ।

## ଚଳଚ୍ଚିତ୍ର

ଚଳଚ୍ଚିତ୍ର ହେଉଛି ଗଣ ଯୋଗାଯୋଗର ଏକ ବଳିଷ୍ଠ ମାଧ୍ୟମ । ଏହା ଗ୍ରାମାଞ୍ଚଳ ତଥା ସହରାଞ୍ଚଳରେ ବସବାସ କରୁଥିବା ବ୍ୟକ୍ତିମାନଙ୍କ ପାଖରେ ସରକାରଙ୍କର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ସଫଳତା ସଂପର୍କିତ ତଥ୍ୟ ପହଞ୍ଚାଇବାରେ ସାହାଯ୍ୟ କରିଥାଏ ।

ଚଳଚ୍ଚିତ୍ର ଶାଖା ପକ୍ଷରୁ ବିନୋଦ କାନୁନ୍‌ଗୋଙ୍କ ଜୀବନୀ ସମ୍ବନ୍ଧିତ ଏକ ପ୍ରାମାଣିକ ଭିଡିଓ ଚଳଚ୍ଚିତ୍ର ପ୍ରସ୍ତୁତ କରାଯାଇଛି । ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବାଣିଜ୍ୟକର ବିଭାଗ ପାଇଁ ୨ଗୋଟି ବିଜ୍ଞାପନ ଚଳଚ୍ଚିତ୍ର ପ୍ରସ୍ତୁତ କରାଯାଇଛି । ୧୧ ଗୋଟି ଚଳଚ୍ଚିତ୍ର ପ୍ରଦର୍ଶନ ତଥା କର୍ମଶାଳା

ରାଜ୍ୟ ସଦର ମହକୁମାସ୍ଥିତ ବିଭାଗୀୟ ପ୍ରିଭ୍ୟୁ ହଲଠାରେ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ଉପସ୍ଥିତିରେ ଆୟୋଜିତ ହୋଇଥିଲା । ଡିଜିଟାଲ ପଦ୍ଧତିରେ ପ୍ରାମାଣିକ ଚଳଚ୍ଚିତ୍ର ଏବଂ ଚଳଚ୍ଚିତ୍ରଗୁଡ଼ିକୁ ପ୍ରଦର୍ଶନ କରିବା ନିମନ୍ତେ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଛି । ଏତଦ୍‌ବ୍ୟତୀତ ବିଭାଗୀୟ ପ୍ରିଭ୍ୟୁ ହଲଠାରେ ରାଜ୍ୟସ୍ତରୀୟ ପୁରସ୍କାର ଚୟନ ପାଇଁ ୮ ଗୋଟି ଚଳଚ୍ଚିତ୍ର ପ୍ରଦର୍ଶିତ କରାଯାଇଥିଲା । ଆଉମଧ୍ୟ, ସୂଚନା ଅଧିକାର ସମ୍ପର୍କୀତ ୧୦ଗୋଟି ବିଜ୍ଞାପନ ଚଳଚ୍ଚିତ୍ର ଏବଂ ୨ଗୋଟି ପ୍ରାମାଣିକ ଚଳଚ୍ଚିତ୍ର ପ୍ରସ୍ତୁତ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ଶାଖା ପାଇଁ ୨୦୧୨-୧୩ ଆର୍ଥିକ ବର୍ଷ ନିମନ୍ତେ ୨୨୫୭ ହଜାର ଟଙ୍କାର ବ୍ୟୟ ଅଟକଳ କରାଯାଇଛି ।

## ଗୋଷ୍ଠୀ ଦୃଶ୍ୟ ଶାଖା

ଏହି ବିଭାଗରେ ଏକ ଗୋଷ୍ଠୀ ଦୃଶ୍ୟ (କମ୍ୟୁନିଟି ଭିୟୁଙ୍ଗ) ଶାଖା କାର୍ଯ୍ୟ କରୁଛି । ବିଭାଗ ପକ୍ଷରୁ ବିଭିନ୍ନ ଅନୁଷ୍ଠାନକୁ ଯୋଗାଇ ଦିଆଯାଇଥିବା ଟେଲିଭିଜନ୍ ସେଟ୍‌ଗୁଡ଼ିକର ମରାମତି ତଥା ରକ୍ଷଣାବେକ୍ଷଣ ଏହି ଶାଖାର ରେଡ଼ିଓ ଇନିସ୍‌ପେକ୍ଟରମାନଙ୍କ ମାଧ୍ୟମରେ କରାଯାଇଥାଏ । ସେମାନେ ମଧ୍ୟ ବିଧାନସଭା ବିବରଣୀ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମର ବିବରଣୀକୁ ରେକର୍ଡ଼ିଙ୍ଗ କରିଥାଆନ୍ତି । ସରକାର ସି.ଭି.ସ୍କିମ୍ (ଗୋଷ୍ଠୀ ଦୃଶ୍ୟ କାର୍ଯ୍ୟକ୍ରମ) ଜରିଆରେ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ସୂଚନା କେନ୍ଦ୍ରକୁ ୯୭୨ ଗୋଟି ଟି.ଭି. ସେଟ୍ ବିନାମୂଲ୍ୟରେ ଯୋଗାଇ ଦେଇଛନ୍ତି । ୮୫୭ ଗୋଟି ଟି.ଭି. ସେଟ୍ ବିଭିନ୍ନ ଗ୍ରାମପଞ୍ଚାୟତକୁ ଯୋଗାଇ ଦିଆଯାଇଛି । ଏହି ଟି.ଭି. ସେଟ୍‌ଗୁଡ଼ିକର ଶତକଡ଼ା ୭୫ ଭାଗ ମୂଲ୍ୟ ରାଜ୍ୟ ସରକାର ବହନ କରିଥିବାବେଳେ ଅବଶିଷ୍ଟ ୨୫ ଭାଗ ସଂପୃକ୍ତ ଗ୍ରାମପଞ୍ଚାୟତ ବହନ କରିଥାନ୍ତି । ପର୍ଯ୍ୟାୟକ୍ରମେ ବିଭିନ୍ନ ସୂଚନାକେନ୍ଦ୍ର ତଥା ପାଠାଗାରମାନଙ୍କୁ କଳାଧଳା ଟି.ଭି. ସେଟ୍ ବଦଳରେ ରଙ୍ଗୀନ ଟି.ଭି. ସେଟ୍ ଯୋଗାଇ ଦିଆଯାଉଛି, ଅଦ୍ୟାବଧି ୩୦ ଗୋଟି ରଙ୍ଗୀନ୍ ଟିଭି ସେଟ୍ ଯୋଗାଇ ଦିଆଯାଇଛି । ୨୦୧୨-୧୩ ଆର୍ଥିକ ବର୍ଷ ପାଇଁ ଏହି ଶାଖା ନିମନ୍ତେ ୮୦ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଛି ।

## ଦୃଶ୍ୟଶ୍ରାବ୍ୟ ପ୍ରଚାର ଶାଖା

ଏହି ବିଭାଗ ଅଧୀନରେ ଏକ ଦୃଶ୍ୟଶ୍ରାବ୍ୟ ପ୍ରଚାର ଶାଖା କାର୍ଯ୍ୟ କରୁଛି । ଏହି ଶାଖା ପକ୍ଷରୁ ବିଭିନ୍ନ ସ୍ଥାନରେ ଚଳଚ୍ଚିତ୍ର ପ୍ରଦର୍ଶନ କରିବା ସମେତ ସାଧାରଣ ସଭାରେ ଡ଼ାକବାଜି ଯନ୍ତ୍ରର ବ୍ୟବସ୍ଥା କରାଯାଇଥାଏ । ଏହି ଶାଖା ପୁରୀ ରଥଯାତ୍ରା, କଟକ ବାଲିଯାତ୍ରା ଏବଂ ଚନ୍ଦ୍ରଭାଗା ମାଘ ସପ୍ତମୀ ମେଳାରେ ପ୍ରଚାର କାର୍ଯ୍ୟ ମଧ୍ୟ କରିଥାଏ । ରାଜସ୍ୱ ଜୋନ୍‌ଗୁଡ଼ିକରେ ଅବସ୍ଥାପିତ ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସମେତ ରାଜ୍ୟ ସଦର ମହକୁମା କାର୍ଯ୍ୟାଳୟକୁ ଗୋଟିଏ ଲେଖାଏଁ ଏଲ୍.ସି.ଡି. ପ୍ରୋଜେକ୍ଟର ଯୋଗାଇ ଦିଆଯାଇଛି । ଏହି ଶାଖା ନିମନ୍ତେ ୨୦୧୨-୧୩ ଆର୍ଥିକ ବର୍ଷ ପାଇଁ ୧୦୦୦ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଛି ।

## ରାଜ୍ୟର ବିଶିଷ୍ଟ ବ୍ୟକ୍ତି ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କ ବକ୍ତବ୍ୟ/ସ୍ୱର ସଂରକ୍ଷଣ

ରାଜ୍ୟର ବିଶିଷ୍ଟ ବ୍ୟକ୍ତି, ସ୍ୱାଧୀନତା ସଂଗ୍ରାମୀମାନଙ୍କ ବକ୍ତବ୍ୟ ଓ ସ୍ୱର ସଂରକ୍ଷଣ କରି ରଖିବା ନିମନ୍ତେ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ଏଥିପାଇଁ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇ ୩୨ ଜଣ ବିଶିଷ୍ଟ ବ୍ୟକ୍ତି / ସ୍ୱାଧୀନତା ସଂଗ୍ରାମୀଙ୍କର ସ୍ୱର ରେକଡ଼ିଂକରାଯାଇଛି ଏବଂ ଆହୁରି ଅଧିକ ବିଶିଷ୍ଟ ବ୍ୟକ୍ତି / ସ୍ୱାଧୀନତା ସଂଗ୍ରାମୀଙ୍କର ସ୍ୱର ରେକଡ଼ିଂ କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଉଛି । ୨୦୧୨-୧୩ ଆର୍ଥିକ ବର୍ଷରେ ଏହି କାର୍ଯ୍ୟକ୍ରମ ପାଇଁ ୫୦ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଛି ।

## ବିଜ୍ଞାପନ

ଏହି ବିଭାଗ ଦ୍ୱାରା ବିଭିନ୍ନ ସମ୍ବାଦପତ୍ର ଏବଂ ପତ୍ରିକାରେ ସମସ୍ତ ସରକାରୀ ବିଜ୍ଞାପନ ପ୍ରକାଶିତ ହୋଇଥାଏ । ବର୍ଗୀକୃତ ବିଜ୍ଞାପନ ଯଥା : ଟେଣ୍ଡର ନୋଟିସ୍, କୋଟେସନ୍ କଲ୍ ନୋଟିସ୍, ନିଯୁକ୍ତି ବିଜ୍ଞାପନ, ଶିକ୍ଷାନୁଷ୍ଠାନଗୁଡ଼ିକରେ ନାମଲେଖା ନିମନ୍ତେ ବିଜ୍ଞାପନ ପ୍ରଭୃତି ଏହି ବିଭାଗ ପକ୍ଷରୁ ସର୍ବସାଧାରଣଙ୍କ ଗୋଚରାର୍ଥେ ବିଭିନ୍ନ ସମ୍ବାଦପତ୍ରରେ ପ୍ରକାଶ କରାଯାଏ । ଏହି ବିଭାଗ ଜରିଆରେ ବିଭିନ୍ନ ନିଗମ ଓ ସରକାରଙ୍କ ଦ୍ୱାରା ପରିଚାଳିତ ସଂସ୍ଥାଗୁଡ଼ିକର ଟେଣ୍ଡର ନୋଟିସ୍ ପ୍ରଭୃତି ମଧ୍ୟ ପ୍ରକାଶିତ ହୋଇଥାଏ । ୨୦୧୧-୧୨ ବର୍ଷରେ ୫୪୮୩ଟି ବର୍ଗୀକୃତ ବିଜ୍ଞାପନ, ୧୪୮୩ଟି ଭୂ-ଅଧିଗ୍ରହଣ ବିଜ୍ଞାପନ ଏବଂ ୩୫୨ଟି ପ୍ରଜ୍ଞାପନମୂଳକ ବିଜ୍ଞାପନ ପ୍ରକାଶିତ ହୋଇଛି । ବିଭିନ୍ନ ବିଜ୍ଞାପନ ପ୍ରକାଶନ ବାବଦରେ ୨୦୧୧-୧୨ ଆର୍ଥିକ ବର୍ଷ ପାଇଁ ୮୨୦୦୦ ହଜାର ଟଙ୍କାର ବ୍ୟୟ ଅଟକଳ କରାଯାଇଛି ।

## ଗବେଷଣା, ତଥ୍ୟ ସୂଚନା ଓ ପ୍ରଶିକ୍ଷଣ

ବିଭାଗର ଏହି ଶାଖାଟି ସରକାରଙ୍କ ବିଭିନ୍ନ ବିଭାଗରୁ ତଥ୍ୟ ସଂଗ୍ରହ ସହ ଏହାକୁ ଭବିଷ୍ୟତରେ ଉପଯୋଗ ପାଇଁ ସଂରକ୍ଷଣ କରି ରଖିଥାଏ । ଏହି ଶାଖା ମଧ୍ୟ ବିଭିନ୍ନ ସମ୍ବାଦପତ୍ରରୁ ଗୁରୁତ୍ୱପୂର୍ଣ୍ଣ ସମ୍ବାଦ, ଗବେଷଣାମୂଳକ ସନ୍ଦର୍ଭରୁ ମୂଲ୍ୟବାନ ଲେଖା ଏବଂ ସରକାରଙ୍କ ଦ୍ୱାରା ପ୍ରକାଶିତ ସୂଚନା ସମ୍ବନ୍ଧୀୟ ପୁସ୍ତିକାରୁ ମୂଲ୍ୟବାନ ଉପାଦାନଗୁଡ଼ିକ ସଂଗ୍ରହ କରି ଏହାକୁ ସୁରକ୍ଷିତ ରଖେ । ଗବେଷକ, ବିଦ୍ୟାର୍ଥୀ, ଲେଖକ ତଥା ବୁଦ୍ଧିଜୀବୀମାନଙ୍କର ବୌଦ୍ଧିକ ବିକାଶ, ଜ୍ଞାନ ଆହରଣ ଓ ଗବେଷଣା ନିମନ୍ତେ ଏହି ସମସ୍ତ ସଂଗୃହୀତ ତଥ୍ୟଗୁଡ଼ିକୁ ସେମାନଙ୍କୁ ଯୋଗାଇ ଦେଇଥାଏ । ବିଭାଗ ପକ୍ଷରୁ ଉକ୍ତ ଶାଖାରେ ବିଭିନ୍ନ ପୁସ୍ତକ ସମ୍ବଳିତ ଏକ ପାଠାଗାର ଅଛି । ଯେଉଁଥିରେ କି ୫୦୦୦ ସଂଖ୍ୟକ ପୁସ୍ତକ ସମେତ ମାନଚିତ୍ର, ଫିଚର ଓ ପ୍ରଚାର ପୁସ୍ତିକାଗୁଡ଼ିକୁ ସଂରକ୍ଷଣ କରି ରଖାଯାଇଛି । ପାଠକ, ଛାତ୍ର ଏବଂ ଗବେଷକଙ୍କ ନିମନ୍ତେ ଦୈନିକ ପ୍ରାୟ ୩୦ ଗୋଟି ଓଡ଼ିଆ ଏବଂ ଇଂରାଜୀ ସମ୍ବାଦପତ୍ର ଏହି ଶାଖାରେ ଉପଲବ୍ଧ ହୋଇଥାଏ । ୨୦୧୧-୧୨ ବର୍ଷରେ ଏହି ଶାଖାକୁ ୫୦୦ ଜଣ ପାଠକ ତଥା ୩୦୦ ଜଣ ଗବେଷକ ସମ୍ବାଦପତ୍ର ପଠନ ଏବଂ ବିଭିନ୍ନ ତଥ୍ୟ ସଂଗ୍ରହ ନିମନ୍ତେ

ଆସିଛନ୍ତି । ଉକ୍ତ ବର୍ଷରେ ୪୫୦ ଜଣ ବିଭାଗୀୟ ଅଧିକାରୀ / କର୍ମଚାରୀଙ୍କୁ ସେମାନଙ୍କର ଆବଶ୍ୟକତା ମୁତାବକ ତଥ୍ୟ ଯୋଗାଇ ଦିଆଯାଇଛି । ୨୦୧୨-୧୩ ଆର୍ଥିକ ବର୍ଷ ପାଇଁ ଏହି ଶାଖା ନିମନ୍ତେ ୨୦୦ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଛି ।

## ଓଡ଼ିଆ ଅନୁବାଦକ ଶାଖା

ଓଡ଼ିଆ ସମ୍ବାଦପତ୍ରମାନଙ୍କରେ ପ୍ରକାଶିତ ହୋଇଥିବା ସମ୍ବାଦ, ମତାମତ ଏବଂ ଜନ ପ୍ରତିକ୍ରିୟା ପ୍ରେସ୍ ରାଉଣ୍ଡ ଅପ୍ ହିସାବରେ ବିଭିନ୍ନ ବିଭାଗୀୟ ମୁଖ୍ୟମାନଙ୍କୁ ପ୍ରତ୍ୟହ ଇଂରାଜୀରେ ସୂଚନା ପ୍ରଦାନ କରିବା ଓଡ଼ିଆ ଅନୁବାଦକ ଶାଖାର ପ୍ରଧାନ କାର୍ଯ୍ୟ । ଏହା ଦ୍ୱାରା ଯୋଜନା ଏବଂ କାର୍ଯ୍ୟକାରୀ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟକ୍ରମଗୁଡ଼ିକ ଉପରେ ଆବଶ୍ୟକ ମୁତାବକ ପଦକ୍ଷେପ ନିଆଯାଇପାରୁଛି । ୨୦୧୧-୧୨ ବର୍ଷରେ ଏହି ଶାଖା ପକ୍ଷରୁ ୧୪୮୯ ସଂଖ୍ୟକ ''ପ୍ରେସ୍ ରାଉଣ୍ଡ ଅପ୍'' ନିର୍ଗମନ କରାଯାଇଛି ।

## ସୂଚନା କେନ୍ଦ୍ର ତଥା ପାଠାଗାର

ବିଭାଗ ଅଧୀନରେ ବିଭିନ୍ନ ପୌରାଞ୍ଚଳ ତଥା ଗ୍ରାମାଞ୍ଚଳରେ ଅବସ୍ଥିତ ସୂଚନା କେନ୍ଦ୍ର ତଥା ପାଠାଗାରଗୁଡ଼ିକ ସୂଚନା ପ୍ରଦାନ ତଥା ବୁଦ୍ଧିଜୀବୀମାନଙ୍କ ଆବଶ୍ୟକତା ପୂରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏସବୁ ସୂଚନା କେନ୍ଦ୍ର ଓ ପାଠାଗାରମାନଙ୍କରେ ପାଠକମାନଙ୍କ ନିମନ୍ତେ ବିଭିନ୍ନ ବହି, ପତ୍ରପତ୍ରିକା, ସମ୍ବାଦପତ୍ର ତଥା ଅନ୍ୟାନ୍ୟ ସୂଚନା ପୁସ୍ତିକା ସୁବିଧାରେ ଉପଲବ୍ଧ ହୋଇଥାଏ । ଏତଦ୍‌ବ୍ୟତୀତ ସୂଚନା କେନ୍ଦ୍ରମାନଙ୍କୁ ଟି.ଭି. ଏବଂ ରେଡ଼ିଓ ସେଟ୍ ମଧ୍ୟ ଯୋଗାଇ ଦିଆଯାଇଛି । ବିଭାଗ ତରଫରୁ ସଂପ୍ରତି ରାଜ୍ୟ ସଦର ମହକୁମା ଭୁବନେଶ୍ୱର, ନୂଆଦିଲ୍ଲୀ ଓ କୋଲକତାକୁ ମିଶାଇ ସମୁଦାୟ ୮୫ଟି ସୂଚନା କେନ୍ଦ୍ର ଓ ପାଠାଗାର କାର୍ଯ୍ୟ କରୁଅଛି । ଏହାର ପରିଚାଳନା ପାଇଁ ଆଗାମୀ ୨୦୧୨-୧୩ ଆର୍ଥିକ ବର୍ଷ ନିମନ୍ତେ ୨୪୨୬୯ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଛି ।

## ପ୍ରଦର୍ଶନୀ

ସରକାରଙ୍କ ଯୋଜନା, କାର୍ଯ୍ୟକ୍ରମ, ନୀତି ତଥା ସଫଳତା ସଂପର୍କରେ ଜନସଚେତନତା ସୃଷ୍ଟି କରିବା ପାଇଁ ରାଜ୍ୟର ବିଭିନ୍ନ ଗ୍ରାମାଞ୍ଚଳ ତଥା ସହରାଞ୍ଚଳରେ ବିଭାଗ ପକ୍ଷରୁ ପ୍ରଦର୍ଶନୀମାନ ଆୟୋଜନ କରାଯାଇଥାଏ । ଏହି ପ୍ରଦର୍ଶନୀରେ ଓଡ଼ିଶାର କଳା, ସଂସ୍କୃତି, ପରମ୍ପରା, ପର୍ଯ୍ୟଟନ,


ଭାରତ ଆନ୍ତର୍ଜାତିକ ବାଣିଜ୍ୟ ମେଳା-୨୦୧୧

ହସ୍ତତନ୍ତ, ହସ୍ତଶିଳ୍ପ, କୃଷି, ଶିଳ୍ପ ଇତ୍ୟାଦି ବିଷୟ ସମେତ ଇସ୍ପାତ, ଶକ୍ତି ଏବଂ ବନ୍ଦର ସ୍ଥାପନ ପ୍ରଭୃତି କ୍ଷେତ୍ରରେ ହୋଇଥିବା ଉଲ୍ଲେଖଯୋଗ୍ୟ ସଫଳତା ସଂପର୍କିତ ବିଷୟ ସ୍ଥାନ ପାଇଥାଏ । ପ୍ରତିବର୍ଷ ନୂଆଦିଲ୍ଲୀଠାରେ ହେଉଥିବା ଭାରତ ଆନ୍ତର୍ଜାତିକ ବାଣିଜ୍ୟ ମେଳାରେ ବିଭାଗ ପକ୍ଷରୁ ପ୍ରଦର୍ଶନୀ ମଣ୍ଡପ ଖୋଲାଯାଇଥାଏ । ୨୦୧୧-୧୨ ଆର୍ଥିକ ବର୍ଷରେ ବିଭାଗ ପକ୍ଷରୁ ଆନ୍ତର୍ଜାତିକ ବାଣିଜ୍ୟ ମେଳା, ନୂଆଦିଲ୍ଲୀକୁ ମିଶାଇ ସମୁଦାୟ ୧୨ ଗୋଟି ପ୍ରଦର୍ଶନୀ ଆୟୋଜିତ ହୋଇଛି । ୨୦୧୨-୧୩ ଆର୍ଥିକ ବର୍ଷରେ ପ୍ରଦର୍ଶନୀ ଆୟୋଜନ ନିମନ୍ତେ ୪୦୦୦ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଛି ।

## ସ୍ୱତନ୍ତ୍ର ଉତ୍ସବ

ଏହି ବିଭାଗ ତରଫରୁ ସ୍ୱାଧୀନତା ଦିବସ, ଗାନ୍ଧୀ ଜୟନ୍ତୀ, ସାଧାରଣତନ୍ତ୍ର ଦିବସ, ଓଡ଼ିଶା ଦିବସ, ଜାତୀୟ ପ୍ରେସ୍ ଦିବସ ତଥା ବିଶିଷ୍ଟ ବ୍ୟକ୍ତିମାନଙ୍କର ଜୟନ୍ତୀ ଓ ଶ୍ରାଦ୍ଧ ଦିବସ ପ୍ରଭୃତି ସ୍ୱତନ୍ତ୍ର ଉତ୍ସବ ରାଜ୍ୟ, ଜିଲ୍ଲା ତଥା ଉପଖଣ୍ଡ ସଦର ମହକୁମାମାନଙ୍କରେ ପାଳନ କରାଯାଇଥାଏ । ୨୦୧୧-୧୨ ଆର୍ଥିକ ବର୍ଷରେ ଏହିଭଳି ୩୬ଟି ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରାଯାଇଛି । ଏତଦ୍‌ବ୍ୟତୀତ ରଥଯାତ୍ରା ସମୟରେ ପୁରୀ ଏବଂ ଅନ୍ୟାନ୍ୟ ଜିଲ୍ଲାଗୁଡ଼ିକର ୧୫ ଗୋଟି ସ୍ଥାନରେ ସୂଚନା କେନ୍ଦ୍ରମାନ ଖୋଲାଯାଇଥିଲା । ୨୦୧୨-୧୩ ଆର୍ଥିକ ବର୍ଷ ପାଇଁ ଏହି ଶାଖା ନିମନ୍ତେ ୧୦୨୨୦ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଛି ।

## ସଙ୍ଗୀତ ଓ ନାଟକ ସେବା

ଏହା ପ୍ରଚାର କାର୍ଯ୍ୟକ୍ରମର ଏକ ଫଳପ୍ରଦ ମାଧ୍ୟମ । ସହରାଞ୍ଚଳ ତଥା ଗ୍ରାମାଞ୍ଚଳମାନଙ୍କରେ ସରକାରଙ୍କର ବିଭିନ୍ନ ଯୋଜନା, କାର୍ଯ୍ୟକ୍ରମ ତଥା ନୀତିଗୁଡ଼ିକର ଯଥାଯଥ ପ୍ରଚାର ନିମନ୍ତେ ଏହି ବିଭାଗ ପକ୍ଷରୁ ପାରମ୍ପରିକ ଲୋକନୃତ୍ୟ ଓ ଗୀତ, ପାଲା, ଦାସକାଠିଆ, ଘୋଡ଼ାନାଚ, ପଥପ୍ରାନ୍ତ ନାଟକ ଏବଂ ସଙ୍ଗୀତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ । ୨୦୧୧-୧୨ ବର୍ଷରେ ବିଭାଗ ପକ୍ଷରୁ ରାଜ୍ୟରେ ଏହିଭଳି ୧୫୨୦ଟି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଏତଦ୍‌ବ୍ୟତୀତ ଆନ୍ତଃରାଜ୍ୟ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତିବର୍ଷ ଦେଶର ବିଭିନ୍ନ ପ୍ରାନ୍ତରେ ଓଡ଼ିଆ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ । ଏଥିନିମନ୍ତେ ୨୦୧୨-୧୩ ଆର୍ଥିକ ବର୍ଷ ପାଇଁ ୩୧୦୦ ହଜାର ଟଙ୍କାର ବ୍ୟୟ ଅଟକଳ କରାଯାଇଛି ।

## କମ୍ପ୍ୟୁଟର ପ୍ରଚଳନ

ଗଣମାଧ୍ୟମରେ ପ୍ରଚାର କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ ଏବଂ ଫଳପ୍ରସୂ କରି ତତ୍‌କ୍ଷଣାତ୍ ସମ୍ବାଦ ପ୍ରେରଣ ନିମନ୍ତେ ଜିଲ୍ଲା ଲୋକ ସଂପର୍କ କାର୍ଯ୍ୟାଳୟଗୁଡ଼ିକୁ କମ୍ପ୍ୟୁଟରୀକରଣ କରାଯାଇଛି । ଏତଦ୍‌ବ୍ୟତୀତ ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟରେ କମ୍ପ୍ୟୁଟର ସହିତ ଲାନ୍ (LAN) ବ୍ୟବସ୍ଥା ରହିଛି ।

ଜନସାଧାରଣଙ୍କୁ ସବିଶେଷ ସୂଚନା ଯୋଗାଇ ଦେବା ନିମନ୍ତେ ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟରେ ଏକ କିଓସ୍କ ସ୍ଥାପନ କରାଯାଇଛି । ରାଜ୍ୟ ସୂଚନା ଓ ପ୍ରଯୁକ୍ତି ବିଭାଗର ପୋର୍ଟାଲ ଗ୍ରୁପ ମାଧ୍ୟମରେ ବିଜ୍ଞାପନ ବିଷୟବସ୍ତୁ ଓ ଟେଣ୍ଡର ସମ୍ବନ୍ଧୀୟ କାଗଜପତ୍ର ରାଜ୍ୟ ସରକାରଙ୍କର ୱେବସାଇଟ୍‌କୁ ପଠାଇବା ନିମନ୍ତେ ଏକ ନୂତନ କମ୍ପ୍ୟୁଟର ପ୍ରଣାଳୀର ବ୍ୟବସ୍ଥା କରାଯାଇଛି ।

ରାଜ୍ୟ ସଚିବାଳୟଠାରେ ସମ୍ବାଦ ସୂଚନା ଶାଖାରେ ସୂଚନା ଅଧିକାରୀମାନଙ୍କର କାର୍ଯ୍ୟକୁ କ୍ରିୟାଶୀଳ କରିବା ଉଦ୍ଦେଶ୍ୟରେ ୩ ଗୋଟି କମ୍ପ୍ୟୁଟର ଯୋଗାଇ ଦିଆଯାଇଛି । ରାଜ୍ୟ ସଦର ମହକୁମା କାର୍ଯ୍ୟାଳୟ, ସମସ୍ତ ଜିଲ୍ଲା ସୂଚନା ଓ ଲୋକ ସଂପର୍କ କାର୍ଯ୍ୟାଳୟ, ୩ ଗୋଟି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଏବଂ ଭୁବନେଶ୍ୱରସ୍ଥିତ ଜୟଦେବ ଭବନକୁ ବି.ଏସ୍.ଏନ୍.ଏଲ୍. ବ୍ରୋଡ଼ବ୍ୟାଣ୍ଡ ସଂଯୋଗର ସୁବିଧା ଯୋଗାଇ ଦିଆଯାଇଛି । ବିଭାଗୀୟ ନିର୍ଗମନ ଶାଖାରେ ଇ-ମେଲ ମାଧ୍ୟମରେ ଚିଠି ପ୍ରେରଣ କରିବା ପାଇଁ 'ଇ-ଡେସ୍‌ପାଚ୍' ବ୍ୟବସ୍ଥା କରାଯାଇଛି । ସମସ୍ତ ଉପବିଭାଗ ଅଧିକାରୀ, ସହକାରୀ ଉପବିଭାଗ ଅଧିକାରୀ, ଡେସ୍କ ଅଫିସର, ଶାଖା ଅଧିକାରୀମାନଙ୍କୁ ପର୍ଯ୍ୟାୟକ୍ରମେ କମ୍ପ୍ୟୁଟର ତାଲିମ ପ୍ରଦାନ କରାଯାଉଛି । ସଂଯୋଗ ହେଲପ୍ ଲାଇନ୍, ତିନି ଜଣ ଉପନିର୍ଦ୍ଦେଶକ, ଭୁବନେଶ୍ୱରସ୍ଥିତ ଜିଲ୍ଲା ସୂଚନା ଓ ଲୋକ ସଂପର୍କ କାର୍ଯ୍ୟାଳୟ, ସଦର ମହକୁମାର ସମସ୍ତ ବରିଷ୍ଠ ଅଧିକାରୀ ଏବଂ ଗବେଷଣା ଓ ତଥ୍ୟ ସୂଚନା ଶାଖା ପାଠାଗାରର ଦୈନନ୍ଦିନ ସରକାରୀ କାର୍ଯ୍ୟ ନିମନ୍ତେ କମ୍ପ୍ୟୁଟର କ୍ରୟ କରାଯାଇଛି । ବିଭାଗ ପକ୍ଷରୁ ପ୍ରତ୍ୟହ ବିଭିନ୍ନ ସମ୍ବାଦପତ୍ରକୁ ଦିଆଯାଉଥିବା ବିଜ୍ଞାପନ କ୍ଷେତ୍ରରେ ସ୍ୱଚ୍ଛତା ଆଣିବା ଲକ୍ଷ୍ୟରେ ଇ-ବିଜ୍ଞାପନ ପଦ୍ଧତି ଏନ୍‌ଆଇସି ସହାୟତାରେ ଆରମ୍ଭ କରାଯାଇଛି । ଏହା ଉଭୟ ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିଜସ୍ୱ ୱେବ୍‌ସାଇଟ୍ ଏବଂ ରାଜ୍ୟ ସରକାରଙ୍କର ପୋର୍ଟାଲ୍ ମାଧ୍ୟମରେ ଉପଲବ୍ଧ ହେବ ।

ବିଭାଗୀୟ ସୂଚନା ଅଧିକାରୀ ଏବଂ ସହ ସୂଚନା ଅଧିକାରୀଙ୍କ ମାଧ୍ୟମରେ ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ 'ସମାଚାର ଓଡ଼ିଶା' ନାମକ ଏଇ ଇ- ସମାଚାର ବ୍ୟବସ୍ଥା ଆରମ୍ଭ କରାଯାଇ ନିୟମିତ ଏହାକୁ ଅପ୍‌ଡେଟ୍ କରି ରାଜ୍ୟ ପୋର୍ଟାଲ୍ ମାଧ୍ୟମରେ ପରିବେଷଣ କରାଯାଉଛି ।

ବିଭାଗୀୟ ସୂଚନା ପ୍ରଯୁକ୍ତି ବ୍ୟବସ୍ଥାକୁ ଆହୁରି ଅଧିକ ଉନ୍ନତମାନର କରିବା ପାଇଁ ପ୍ରସ୍ତାବ ରହିଛି । ବିଭିନ୍ନ ଗଣମାଧ୍ୟମକୁ ତ୍ୱରିତ ସମ୍ବାଦ ଏବଂ ଫଟୋ ଯୋଗାଇଦେବା ପାଇଁ ବିଭାଗୀୟ ସୂଚନା ଅଧିକାରୀ ଏବଂ ସହ-ସୂଚନା ଅଧିକାରୀମାନଙ୍କୁ ଲାପ୍‌ଟପ୍ ଯୋଗାଇଦେବାର ବ୍ୟବସ୍ଥା କରାଯାଉଛି ।

ଏହି କମ୍ପ୍ୟୁଟର ପ୍ରଚଳନ ଶାଖା ପାଇଁ ୨୦୧୨-୧୩ ଆର୍ଥିକ ବର୍ଷ ନିମନ୍ତେ ୪୫୦୦ ହଜାର ଟଙ୍କାର ବ୍ୟୟ ଅଟକଳ କରାଯାଇଛି ।

## ସୂଚନା ଅଧିକାର

ସୂଚନା ଓ ଲୋକ ସଂପର୍କ ବିଭାଗ ମୁଖ୍ୟତଃ ସୂଚନା ଅଧିକାର ଆଇନ-୨୦୦୫କୁ ଓଡ଼ିଶାରେ କାର୍ଯ୍ୟକାରୀ କରିବାର ଗୁରୁଦାୟିତ୍ୱ ବହନ କରିଛି । ସୂଚନା ଓ ଲୋକ ସଂପର୍କ ବିଭାଗରେ ସୂଚନା ଅଧିକାର କାର୍ଯ୍ୟକାରୀ ପ୍ରକୋଷ୍ଠ ଖୋଲାଯାଇ ଏହାର କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରାଯାଇଛି । ସୂଚନା ଅଧିକାର କାର୍ଯ୍ୟକାରୀ ପ୍ରକୋଷ୍ଠ ମାଧ୍ୟମରେ ଓଡ଼ିଶା ସୂଚନା ଅଧିକାର ନିୟମାବଳୀ-୨୦୦୫ର ପ୍ରଣୟନ, ଅପରେସନାଲ ଗାଇଡ଼ଲାଇନ ପ୍ରସ୍ତୁତି, ସଚିବାଳୟ ଅଭ୍ୟର୍ଥନା ପ୍ରକୋଷ୍ଠରେ ଏକ କେନ୍ଦ୍ରୀୟ କକ୍ଷର ଆରମ୍ଭ, ଜନସୂଚନା ଅଧିକାରୀ ଏବଂ ଆପିଲେଟ୍ କର୍ତ୍ତୃପକ୍ଷର ପ୍ରଶିକ୍ଷଣ, ଓଡ଼ିଶା ସୂଚନା ଆୟୋଗ ଗଠନ ଏବଂ ଓଡ଼ିଶା ସରକାରଙ୍କ ୱେବ୍‌ସାଇଟ୍ ଜରିଆରେ ସୂଚନା ବିତରଣ ଇତ୍ୟାଦି ସଫଳତାର ସହ କାର୍ଯ୍ୟକାରୀ ହେଉଛି । ସୂଚନା ଅଧିକାର କେନ୍ଦ୍ରୀୟ ନିରୀକ୍ଷଣ ବ୍ୟବସ୍ଥାରେ କାର୍ଯ୍ୟକାରୀ ହେଉଥିବା ସୂଚନା ପ୍ରଯୁକ୍ତି ପ୍ରଣାଳୀ ବିଶ୍ୱବ୍ୟାଙ୍କ ଦ୍ୱାରା ପ୍ରଶଂସିତ ହୋଇଛି ।

ଏହା ଓଡ଼ିଶା ପାଇଁ ଅତ୍ୟନ୍ତ ସମ୍ମାନର ବିଷୟ ଯେ ରାଜ୍ୟରେ ପ୍ରଚଳିତ ସୂଚନା ଅଧିକାର ୱେବସାଇଟ୍ ନାଗରିକମାନଙ୍କ ବ୍ୟବହାର ଉପଯୋଗୀତା ପାଇଁ ସମଗ୍ର ଦେଶରେ ସର୍ବଶ୍ରେଷ୍ଠ ୱେବ୍‌ସାଇଟ୍ ଆୱାର୍ଡ ଅଫ୍ ଇ-ଗଭ ୨.୦ ସମ୍ମାନ ହାସଲ କରିଛି । ଏହାପୂର୍ବରୁ ଏହି ପ୍ରୟାସ ହାଇଦ୍ରାବାଦ୍‌ଠାରେ ଆୟୋଜିତ ହୋଇଥିବା 'ଇଣ୍ଟରନ୍ୟାସନାଲ୍ ଇ-ଇଣ୍ଡିଆ ୨୦୧୦ କନ୍‌କ୍ଲେଭ୍'ରେ ମଧ୍ୟ ପୁରସ୍କୃତ ହୋଇଛି ।

ସମ୍ପ୍ରତି ଭାରତ ସରକାରଙ୍କ ଦ୍ୱାରା ୨୦୧୧-୧୨ ବର୍ଷ ପାଇଁ ସର୍ବୋତ୍ତମ ସରକାରୀ ପୋର୍ଟାଲ୍ ବିଭାଗରେ ଓଡ଼ିଶା ସରକାରଙ୍କ ସୂଚନା ଅଧିକାର ପୋର୍ଟାଲ୍ ଇ-ପ୍ରଶାସନ ପାଇଁ ଜାତୀୟସ୍ତରରେ ପୁରସ୍କାର ହାସଲ କରିଛି ।

ଏହି ସୂଚନା ଅଧିକାର କାର୍ଯ୍ୟକ୍ରମ ପାଇଁ ୨୦୧୨-୧୩ ଆର୍ଥିକ ବର୍ଷରେ ୩୨୫ହଜାର ଟଙ୍କାର ବ୍ୟୟ ଅଟକଳ କରାଯାଇଛି ।

## ପୂର୍ତ୍ତ କାର୍ଯ୍ୟ ନିମନ୍ତେ ପୁଞ୍ଜି ଖର୍ଚ୍ଚ

୨୦୧୨-୧୩ ବର୍ଷଠାରୁ ସୂଚନା ଓ ଲୋକସମ୍ପର୍କ ବିଭାଗର ବିଭିନ୍ନ କାର୍ଯ୍ୟାଳୟ ନିର୍ମାଣ ପାଇଁ ୩୬୫୦୦ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇ ବଜେଟ୍‌ରେ ସ୍ଥାନୀତ କରାଯାଇଛି ।

ଏହି ଆର୍ଥିକ ବର୍ଷରେ ପୁରୀଠାରେ ଗୋଟିଏ ଡାକବଙ୍ଗଳା ଏବଂ ମୁଖ୍ୟ ଦପ୍ତର କାର୍ଯ୍ୟାଳୟ ଓ ସମ୍ମିଳନୀ କକ୍ଷର ନବୀକରଣ କାର୍ଯ୍ୟ ପାଇଁ ମଧ୍ୟ ଯୋଜନା ଅଟକଳ କରାଯାଇଛି ।